रेल भर्ती बोर्ड / RAILWAY RECRUITMENT BOARDS

सी ई एन आर पी एफ - ०२/२०२४ - CEN RPF - 02/2024

RRB RPF Constable 2024

RPF Constable (Executive) · CEN RPF 02/2024 · CBT · Question Paper

Odia

Complete Paper · 120 Questions · Official Answer Key

About this Compilation

This booklet contains the complete question paper of the **RRB RPF Constable 2024** examination in **Odia**, with the correct option marked as per the official answer key.

✓ Correct option (highlighted green)

This Odia book carries 1 of the 36 shifts (listed in the Index). The Odia paper of the other 35 shifts was not available to us, so they are not included here; nothing is machine translated. Every shift is in the English book.

6 of these 120 questions are shown in English. The saved Odia paper does not carry them in Odia, so the official English version is printed instead and marked with an ENGLISH chip. Nothing here is machine translated.

How to use

- Use the **Index** page to jump directly to any set (clickable).
- Questions appear section by section in the order of the paper, numbered 1 onward.
- Diagram and wide-table questions appear at full width at the end of their section.
- The correct answer is highlighted in green with a tick.

More from QMaths

Check your marks, normalized score and zone-wise rank free at **rank.qmaths.in**. Master English vocabulary with the **Blackbook** app.



Toppers' Choice, Blackbook of English Vocabulary, Now available in App format : DOWNLOAD NOW

Index — All Sets (click to open)

Set 1 17 Mar 2025
12:30 PM - 2:00 PM

Arithmetic

35 Questions • Answer Key

Q1 Arithmetic

ଅମିତ ଗୋଟିଏ କାମ 6 ଘଣ୍ଟାରେ କରିପାରିବେ । ଗୋପାଳ ଏହାକୁ 42 ଘଣ୍ଟାରେ କରିପାରିବେ । ଅକ୍ଷୟଙ୍କ ସହାୟତାରେ ସେମାନେ 3 ଘଣ୍ଟାରେ କାମ ଶେଷ କରିଥିଲେ । ଅକ୍ଷୟ ଏକାକୀ କେତେ ଘଣ୍ଟାରେ ଏହି କାମ କରିପାରିବେ?

- A. 7 ✓
- B. 6
- C. 9
- D. 8

Q2 Arithmetic

$80^{-2} \div 80^{15} \times 80^{-10}$ ର ମୂଲ୍ୟ ନିର୍ଣ୍ଣୟ କର ।

- A. 1. 80^{-27} ✓
- B. 2. 80^{-26}
- C. 3. 80^{-20}
- D. 4. 80^{-19}

Q3 Arithmetic

ଦୁଇଟି ମୌଳିକ ସଂଖ୍ୟା K ଓ P (ଯେଉଁଠାରେ K > P) ର ଲ.ସା.ଗୁ. 667 ଅଟେ । 3P + K ର ମୂଲ୍ୟ ନିର୍ଣ୍ଣୟ କର ।

- A. 128
- B. 108
- C. 98 ✓
- D. 88

Q4 Arithmetic

ନିମ୍ନଲିଖିତ ଅନୁପାତ ମଧ୍ୟରୁ କେଉଁଟି କ୍ଷୁଦ୍ରତମ ଅନୁପାତ ଅଟେ?

- A. 12 : 33
- B. 24 : 37
- C. 21 : 59 ✓
- D. 26 : 52

Q5 Arithmetic

25432A7 କୁ 9 ଦ୍ୱାରା ବିଭାଜ୍ୟ କରିବା ପାଇଁ A ସ୍ଥାନରେ କେଉଁ ଅଙ୍କ ରହିବା ଉଚିତ?

- A. 4 ✓
- B. 1
- C. 3
- D. 0

Q6 Arithmetic

78ରେ ଗୋଟିଏ ସଂଖ୍ୟାର 25% ଯୋଗ କରାଗଲେ ଫଳାଫଳ ସେହି ସମାନ ସଂଖ୍ୟା ହୋଇଥାଏ । ସମାନ ସଂଖ୍ୟାର 80% କେତେ?

- A. 83.2 ✓
- B. 103.2
- C. 113.2
- D. 53.2

Q7 Arithmetic

ଗୋଟିଏ ଆୟତାକାର କଠିନ ବସ୍ତୁର ମାତ୍ରା 8 cm × 4 cm × 1 cm ଅଟେ । ଏହାର କର୍ଣ୍ଣର ଦୈର୍ଘ୍ୟ (cm ରେ) କେତେ?

- A. 9 ✓
- B. 15
- C. 10
- D. 13

Q8 Arithmetic

ଅର୍ଦ୍ଧ ବାର୍ଷିକ ଭାବରେ ଚକ୍ରବୃଦ୍ଧି ହେଉଥିବା ବାର୍ଷିକ 8% ହାରରେ 1.5 ବର୍ଷରେ ₹2,55,000 ର ଚକ୍ରବୃଦ୍ଧି ସୁଧ (₹ ରେ, ନିକଟତମ ପୂର୍ଣ୍ଣ ସଂଖ୍ୟାରେ) ନିର୍ଣ୍ଣୟ କର ।

- A. 34,180
- B. 31,480
- C. 31,840 ✓
- D. 32,480

Blackbook Vocabulary — Now in the App! ▶ Download Now on Google Play

Q9 Arithmetic

ଗୋଟିଏ ଉବର ଅଟୋ 21 ଘଣ୍ଟାରେ 525 km ଦୂରତା ଅତିକ୍ରମ କରେ । km/h ରେ ଏହାର ବେଗ କେତେ?

A. 26

B. 22

C. 25 ✓

D. 33

Q10 Arithmetic

ମୋହନ ଗୋଟିଏ ଜିନିଷ କୁ ₹1,520 ରେ କିଣି ₹1,870 ରେ ବିକ୍ରି କରିଥିଲେ । ତାଙ୍କ ଲାଭ ପ୍ରତିଶତ (ଦଶମିକ ଦୁଇ ସ୍ଥାନ ପର୍ଯ୍ୟନ୍ତ) ନିର୍ଣ୍ଣୟ କର ।

A. 22.78%

B. 20.15%

C. 21.36%

D. 23.03% ✓

Q11 Arithmetic

0.25ର କେତେ ଗୁଣ 2.5 ହେବ ?

A. 10 ଗୁଣ ✓

B. 5 ଗୁଣ

C. 1 ଗୁଣ

D. 12 ଗୁଣ

Q12 Arithmetic

ଗୋଟିଏ ଘରର ବର୍ତ୍ତମାନର ମୂଲ୍ୟ ₹155120 ଅଟେ । ବର୍ଷକ ପରେ ଏହାର ମୂଲ୍ୟ ₹197932 କୁ ବୃଦ୍ଧି ପାଇଥିଲା । ଘରର ମୂଲ୍ୟରେ ବୃଦ୍ଧି ପ୍ରତିଶତ (ନିକଟତମ ପୂର୍ଣ୍ଣସଂଖ୍ୟାରେ ପ୍ରକାଶ କର) କେତେ?

A. 26

B. 25

C. 23

D. 28 ✓

Q13 Arithmetic

ଜଣେ ବାଳିକା 21 km/hr ବେଗରେ ସ୍କୁଲ ଯାଆନ୍ତି । 42 km/hr ବେଗରେ ସେ ଫେରିନ୍ତି । ସମଗ୍ର ଯାତ୍ରାରେ ତାଙ୍କର ହାରାହାରି ବେଗ କେତେ?

A. 26 km/h

B. 28 km/h ✓

C. 30 km/h

D. 20 km/h

Q14 Arithmetic

₹440କୁ 7 : 17 : 16 ଅନୁପାତରେ ତିନି ଜଣ ବ୍ୟକ୍ତିଙ୍କ ମଧ୍ୟରେ ଭାଗ କରାଯାଏ । ବିତରଣରେ ବୃହତ୍ତମ ଓ କ୍ଷୁଦ୍ରତମ ସେୟାର (₹ରେ) ମଧ୍ୟରେ ପାର୍ଥକ୍ୟ କେତେ?

A. 114

B. 127

C. 110 ✓

D. 84

Q15 Arithmetic

ବାର୍ଷିକ ଚକ୍ରବୃଦ୍ଧି ସୁଧ ଭାବରେ ବାର୍ଷିକ 5% ଚକ୍ରବୃଦ୍ଧି ସୁଧ ହାରରେ ଜଣେ ଋଣଦାତା ବଜାରରୁ ₹7,000 ଋଣ ନେଇଥାନ୍ତି । ଦୁଇ ବର୍ଷ ପରେ ଦେବାକୁ ଥିବା ରାଶି କେତେ ହେବ?

A. ₹7,717.50 ✓

B. ₹7,800

C. ₹7,860.25

D. ₹7,900

Q16 Arithmetic

ପ୍ରଥମ 123ଟି ଅଯୁଗ୍ମ ଗଣନ ସଂଖ୍ୟାର ହାରାହାରି କେତେ?

A. 122.5

B. 124

C. 123 ✓

D. 123.5

Q17 Arithmetic

ପାଞ୍ଚଟି ସଂଖ୍ୟାର ସମଷ୍ଟି 655 ଅଟେ । ପ୍ରଥମ ଦୁଇଟି ସଂଖ୍ୟାର ହାରାହାରି 75 ଏବଂ ତୃତୀୟ ସଂଖ୍ୟା 130 ଅଟେ । ଅବଶିଷ୍ଟ ଦୁଇଟି ସଂଖ୍ୟାର ହାରାହାରି କେତେ?

A. 188.5

B. 205

C. 206

D. 187.5 ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q18 Arithmetic

ପାଞ୍ଚଟି ସଂଖ୍ୟାର ସମଷ୍ଟି 655 ଅଟେ । ପ୍ରଥମ ଦୁଇଟି ସଂଖ୍ୟାର ହାରାହାରି 78 ଏବଂ ତୃତୀୟ ସଂଖ୍ୟା 121 ଅଟେ । ଅବଶିଷ୍ଟ ଦୁଇଟି ସଂଖ୍ୟାର ହାରାହାରି ବାହାର କର ।

- A. 189 ✓
- B. 190
- C. 200
- D. 199

Q19 Arithmetic

41 - [36 - {48 ÷ 2 - (6 - 12 ÷ 2) ÷ 3}]ର ମୂଲ୍ୟ ନିରୂପଣ କର ।

- A. 28
- B. 31
- C. 29 ✓
- D. 30

Q20 Arithmetic

ଜଣେ ପିଲା ଘଣ୍ଟା ପ୍ରତି 16 km/h ବେଗରେ ଦୌଡୁଥିଲେ 20 ମିଟରର ବାହୁ ବିଶିଷ୍ଟ ଏକ ବର୍ଗାକାର ପଡ଼ିଆର ଗୋଟିଏ ସମ୍ପୂର୍ଣ୍ଣ ରାଉଣ୍ଡ ଦୌଡିବା ପାଇଁ ତାକୁ କେତେ ସେକେଣ୍ଡ ଲାଗିବ?

- A. 21
- B. 13
- C. 18 ✓
- D. 17

Q21 Arithmetic

ଗୋଟିଏ ଷ୍ଟୋର ₹25,000ରେ ଗୋଟିଏ ୱାସିଂ ମେସିନକୁ ମୁଦ୍ରିତ କରିଛି ଏବଂ ଏଥିରେ କ୍ରମାଗତ ଦୁଇଟି ରିହାତି ରହିଛି: 10% ଏବଂ ହ୍ରାସ ହୋଇଥିବା ମୂଲ୍ୟ ଉପରେ 20% । ଉଭୟ ରିହାତି ପରେ ଚୂଡ଼ାନ୍ତ ମୂଲ୍ୟ କେତେ?

- A. ₹18,000 ✓
- B. ₹22,500
- C. ₹18,500
- D. ₹17,500

Q22 Arithmetic

192 km ଦୂରତା ଅତିକ୍ରମ କରିବା ପାଇଁ ଅନମୋଲ ନିଖିଳଙ୍କ ଠାରୁ 9 ଘଣ୍ଟା ଅଧିକ ସମୟ ନେଇଥାନ୍ତି । ଯଦି ଅନମୋଲ ନିଜର ବେଗ ଦୁଇ ଗୁଣା କରନ୍ତି, ତେବେ ସେ ନିଖିଳଙ୍କ ଠାରୁ 7 ଘଣ୍ଟା କମ୍ ସମୟ ନେବେ । ଅନମୋଲଙ୍କ ବେଗ କେତେ?

- A. 14 km/h
- B. 15 km/h
- C. 6 km/h ✓
- D. 3 km/h

Q23 Arithmetic

ଅମନ ଏକ ରିହାତି ସ୍କିମ ପ୍ରଦାନ କରେ, ଯେପରି କି 12ଟି ରଫ କପି କିଣି x ରଫ କପି ମାଗଣାରେ ପାଆନ୍ତୁ । ସମାନ ରିହାତି ପ୍ରତିଶତ 25% ହୋଇଥିଲେ xର ମୂଲ୍ୟ କେତେ?

- A. 4 ✓
- B. 3
- C. 5
- D. 6

Q24 Arithmetic

363, 495 ଓ 561ର ଗରିଷ୍ଠ ସାଧାରଣ ଗୁଣନୀୟକ N ଅଟେ । N ର ଅଙ୍କଗୁଡିକର ସମଷ୍ଟି କେତେ?

- A. 6 ✓
- B. 4
- C. 7
- D. 5

Q25 Arithmetic

10ଟି ସଂଖ୍ୟାର ସମଷ୍ଟି 372 ଅଟେ । ସେହି ସଂଖ୍ୟାଗୁଡିକର ହାରାହାରି କେତେ?

- A. 35.2
- B. 38.2
- C. 36.2
- D. 37.2 ✓

Blackbook Vocabulary — Now in the App! ▶ Download Now on Google Play

Q26 Arithmetic

240 ର 65% + 150 ର ?% = 201

A. 40

B. 30 ✓

C. 25

D. 35

Q27 Arithmetic

kg ପିଛା ₹40 ଦରରେ ଚିନିକୁ kg ପିଛା ₹81 ଦରରେ ଚିନି ସହିତ କେଉଁ ଅନୁପାତରେ ମିଶାଇବା ଉଚିତ ଯାହାଫଳରେ ମିଶ୍ରଣକୁ kg ପିଛା ₹57.5 ଦରରେ ବିକ୍ରି କରି 25% ଲାଭ ହେବ?

A. 35 : 6 ✓

B. 4 : 34

C. 8 : 36

D. 5 : 33

Q28 Arithmetic

କୌଣସି ଜିନିଷର ମୂଲ୍ୟ ₹3,135ରୁ ₹4,389କୁ ବୃଦ୍ଧି ପାଇଥିଲେ ପରିବର୍ତ୍ତନ ପ୍ରତିଶତ କେତେ?

A. 25% ବୃଦ୍ଧି

B. 20% ବୃଦ୍ଧି

C. 40% ହ୍ରାସ

D. 40% ବୃଦ୍ଧି ✓

Q29 Arithmetic

ଏକ ତ୍ରିଭୁଜର ପ୍ରତ୍ୟେକ 13 cm ବିଶିଷ୍ଟ ଦୁଇଟି ସମାନ ବାହୁ ଅଟେ ଏବଂ ତୃତୀୟ ବାହୁଟି 10 cm ଅଟେ । ତ୍ରିଭୁଜର କ୍ଷେତ୍ରଫଳ (cm^2 ରେ) କେତେ?

A. 50

B. 60 ✓

C. 40

D. 45

Q30 Arithmetic

ଜଣେ ଦୋକାନୀ 25% କ୍ଷତି ବହନ କରିଥିଲେ ନିମ୍ନଲିଖିତ କେଉଁ ବିବୃତ୍ତି ଠିକ ଅଟେ?

ବିବୃତି A: 15 ଟି ସାମଗ୍ରୀର କ୍ରୟ ମୂଲ୍ୟ 20 ଟି ସାମଗ୍ରୀର ବିକ୍ରୟ ମୂଲ୍ୟ ସହ ସମାନ ଅଟେ ।
ବିବୃତି B: 12 ଟି ସାମଗ୍ରୀର କ୍ରୟ ମୂଲ୍ୟ 17 ଟି ସାମଗ୍ରୀର ବିକ୍ରୟ ମୂଲ୍ୟ ସହ ସମାନ ଅଟେ ।

A. କେବଳ ବିବୃତି A ଠିକ ଅଟେ । ✓

B. ଉଭୟ ବିବୃତି A ଏବଂ B ଠିକ ଅଟେ ।

C. ନା ବିବୃତି A ନା B ଠିକ ଅଟେ ।

D. କେବଳ ବିବୃତି B ଠିକ ଅଟେ ।

Q31 Arithmetic

ନିର୍ଦ୍ଦିଷ୍ଟ ମୂଳଧନକୁ ବାର୍ଷିକ 10% ସରଳ ସୁଧ ହାରରେ ବିନିଯୋଗ କଲେ 2 ବର୍ଷ ପରେ ଏହା ₹4560 ହୋଇଥାଏ । 2 ବର୍ଷରେ ସମାନ ସୁଧ ହାରରେ ସମାନ ମୂଳଧନ ଉପରେ ସରଳ ସୁଧ (₹ ରେ) କେତେ?

A. 3040

B. 380

C. 1520

D. 760 ✓

Q32 Arithmetic

ଧାତୁ ନିର୍ମିତ ଏକ ଫମ୍ପା ଗୋଲକାର ଶେଲ୍‌ର ଘନତ୍ୱ 36 g/cm^3 ଅଟେ । ଏହାର ଭିତର ଓ ବାହାର ବ୍ୟାସାର୍ଦ୍ଧ ଯଥାକ୍ରମେ 1 cm ଓ 2 cm ଅଟେ । ଶେଲ୍‌ର ଓଜନ (kg ରେ) କେତେ?

$\pi = \frac{22}{7}$ ବ୍ୟବହାର କର ।

A. 1.944

B. 2.57

C. 2.38

D. 1.056 ✓

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q33 Arithmetic

ଅଞ୍ଜାନି 30 ଦିନରେ ଏକ ନିର୍ଦ୍ଦିଷ୍ଟ କାମ କରିପାରିବେ । ଅଞ୍ଜାନି ଓ ଖୁସବୁ ଏକାଠି 24 ଦିନରେ ସମାନ କାମ କରିପାରିବେ ଏବଂ ଅଞ୍ଜାନି, ଖୁସବୁ ଓ ସୁସ୍ମିତା 12 ଦିନରେ ସମାନ କାମ କରିପାରିବେ । ସମାନ କାମକୁ ଅଞ୍ଜାନି ଓ ସୁସ୍ମିତା କେତେ ଦିନରେ କରିପାରିବେ?

A. $\frac{38}{5}$

B. $\frac{47}{4}$

C. $\frac{49}{3}$

D. $\frac{40}{3}$ ✓

Q34 Arithmetic

ଏଲିସ ଗୋଟିଏ କାମକୁ 18 ଦିନରେ ସମ୍ପୂର୍ଣ୍ଣ କରିପାରିବେ ଏବଂ ବବ ସେହି କାମକୁ 24 ଦିନରେ ସମ୍ପୂର୍ଣ୍ଣ କରିପାରିବେ । ସେମାନେ ଏକାଠି କାମ କଲେ ସେମାନଙ୍କୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ କେତେ ସମୟ ଲାଗିବ?

A. 10 ଦିନ

B. $9\frac{3}{5}$

C. $10\frac{2}{7}$ ✓

D. 8 ଦିନ

Q35 Arithmetic

$$\frac{2x-1}{2x+3}$$

A. $\frac{11}{14}$

B. $\frac{11}{16}$

C. $\frac{11}{15}$ ✓

D. $\frac{11}{13}$

Blackbook Vocabulary — Now in the App! ▸ Download Now on Google Play

generated by rank.qmaths.in

Q36 General Intelligence and Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ, 'MINE' କୁ '3591' ଭାବରେ ଏବଂ 'IRKS' କୁ '2436' ଭାବରେ କୋଡ କରାଯାଇଛି । ଦିଆଯାଇଥିବା କୋଡ ଭାଷାରେ 'I' ପାଇଁ କୋଡ କ'ଣ ହେବ?

A. 5
B. 6
C. 3 ✓
D. 2

Q37 General Intelligence and Reasoning

ସାତ ଜଣ ବନ୍ଧୁ, Q, R, S, T, W, X ଓ Y ଏକ ଗୋଲାକାର ଟେବୁଲ ଚାରିପାଖରେ ଏହାର କେନ୍ଦ୍ର ଆଡକୁ ମୁହଁକରି ବସିଛନ୍ତି । Q ଓ W ଙ୍କ ମଧ୍ୟରେ କେବଳ ଜଣେ ଲୋକ ବସିଛନ୍ତି । X ଙ୍କ ଠିକ ଡାହାଣ ପାର୍ଶ୍ୱରେ Q ବସିଛନ୍ତି । W ଙ୍କ ଠିକ ବାମ ପାର୍ଶ୍ୱରେ Y ବସିଛନ୍ତି । Q ଓ T ଙ୍କ ମଧ୍ୟରେ କେବଳ R ବସିଛନ୍ତି । Y ଙ୍କ ଡାହାଣ ପାର୍ଶ୍ୱରୁ ଗଣନା କରାଗଲେ Q ଓ Y ଙ୍କ ମଧ୍ୟରେ କେତେ ଜଣ ଲୋକ ବସିଛନ୍ତି?

A. ତିନି
B. ଦୁଇ ✓
C. ଚାରି
D. ଏକ

Q38 General Intelligence and Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ,
A + B ର ଅର୍ଥ 'A,B ର ପତ୍ନୀ ଅଟେ'
A < B ର ଅର୍ଥ 'A, B ର ଭଉଣୀ ଅଟେ'
A ! B ର ଅର୍ଥ ' A, B ର ପୁଅ ଅଟେ'
A : B ର ଅର୍ଥ 'A, B ର ବାପା ଅଟେ'
ଉପରୋକ୍ତ ଆଧାରରେ, ଯଦି 'S : M < I + L ! E' ହୁଏ, ତେବେ S ସମ୍ପର୍କରେ E ଙ୍କର କ'ଣ ହେବ?

A. ପୁଅଙ୍କ ପତ୍ନୀଙ୍କ ମା'
B. ପୁଅଙ୍କ ପତ୍ନୀଙ୍କ ବାପା ✓
C. ପୁଅଙ୍କ ପତ୍ନୀଙ୍କ ଭଉଣୀ
D. ପୁଅଙ୍କ ପତ୍ନୀଙ୍କ ଭାଇ

Q39 General Intelligence and Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଅକ୍ଷର-ସଂଖ୍ୟା ପୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ପ୍ରତିସ୍ଥାପିତ କରାଯାଇପାରିବ?

ASG37, OEU78, CQI119, QCW160, ?

A. EOK201 ✓
B. FOK201
C. ECK201
D. EOK200

Q40 General Intelligence and Reasoning

ନିମ୍ନରେ ଦିଆଯାଇଥିବା ପାଞ୍ଚଟି, ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଉପରେ ଏହି ପ୍ରଶ୍ନ ଆଧାରିତ ।
(ବାମ) 372 196 388 198 329 (ଡାହାଣ)
(ଉଦାହରଣ- 697 – ପ୍ରଥମ ଅଙ୍କ = 6, ଦ୍ୱିତୀୟ ଅଙ୍କ = 9 ଓ ତୃତୀୟ ଅଙ୍କ = 7)
ଟିପ୍ପଣୀ- ସମସ୍ତ ପ୍ରକ୍ରିୟା ବାମରୁ ଡାହାଣକୁ କରାଯିବ ।

ଯଦି ବୃହତ୍ତମ ସଂଖ୍ୟାର ଦ୍ୱିତୀୟ ଅଙ୍କକୁ କ୍ଷୁଦ୍ରତମ ସଂଖ୍ୟାର ଦ୍ୱିତୀୟ ଅଙ୍କ ସହ ଯୋଗ କରାଯାଏ, ତେବେ ଯୋଗଫଳ କେତେ ହେବ?

A. 18
B. 17 ✓
C. 16
D. 15

Q41 General Intelligence and Reasoning

ନିମ୍ନଲିଖିତ ସେଟ ମାନଙ୍କରେ ଥିବା ସଂଖ୍ୟାମାନଙ୍କର ସମ୍ବନ୍ଧ ଭଳି ସମ୍ବନ୍ଧ ଥିବା ସଂଖ୍ୟା ସେଟ ଚୟନ କର ।
(ଟିପ୍ପଣୀ: ସଂଖ୍ୟାକୁ ସେମାନଙ୍କର ଉପାଦାନ ଅଙ୍କରେ ନ ଭାଙ୍ଗି ପୂର୍ଣ୍ଣ ସଂଖ୍ୟା ଉପରେ ହିଁ ସଂଚାଳନ କରାଯିବା ଆବଶ୍ୟକ । ଉଦାହରଣ 13 – 13 ଉପରେ ମିଶାଣ/ଫେଡାଣ/ଗୁଣନ ଆଦି ସଂଚାଳନ କରାଯାଇପାରେ । 13କୁ 1 ଏବଂ 3ରେ ଭାଙ୍ଗି ତାପରେ 1 ଏବଂ 3 ଉପରେ ଗାଣିତିକ ସଂଚାଳନ କରିବା ଅନୁମୋଦିତ ନୁହେଁ ।)

(13, 27, 41)
(44, 31, 18)

A. (19, 24, 21)
B. (21, 25, 28)
C. (15, 13, 14)
D. (18 ,16, 14) ✓

Blackbook Vocabulary — Now in the App! ► Download Now on Google Play

Q42 General Intelligence and Reasoning

ନିମ୍ନରେ ଦିଆଯାଇଥିବା ପାଞ୍ଚୋଟି ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଉପରେ ଏହି ପ୍ରଶ୍ନ ଆଧାରିତ ।

(ବାମ) 430 284 491 231 487 (ଡାହାଣ)

(ଉଦାହରଣ- 697 - ପ୍ରଥମ ଅଙ୍କ = 6, ଦ୍ୱିତୀୟ ଅଙ୍କ = 9 ଏବଂ ତୃତୀୟ ଅଙ୍କ = 7)
ଟିପ୍ପଣୀ: ସମସ୍ତ ସଂଚାଳନ ବାମରୁ ଡାହାଣକୁ କରାଯିବ ।
ବୃହତ୍ତମ ସଂଖ୍ୟାର ଦ୍ୱିତୀୟ ଅଙ୍କକୁ କ୍ଷୁଦ୍ରତମ ସଂଖ୍ୟାର ଦ୍ୱିତୀୟ ଅଙ୍କରେ ଯୋଗକଲେ ଫଳ କ'ଣ ହେବ?

A. 9
B. 12 ✓
C. 6
D. 7

Q43 General Intelligence and Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ, ନିମ୍ନଲିଖିତ ଚାରୋଟି ଅକ୍ଷର-ପୁଞ୍ଜ ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି, ତେଣୁ ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁ ଅକ୍ଷର-ପୁଞ୍ଜଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ? (ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟତା ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣର ସଂଖ୍ୟା କିମ୍ବା ଅକ୍ଷର-ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ ।)

A. DJN ✓
B. LQV
C. VAF
D. INS

Q44 General Intelligence and Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନ ଲିଖିତ ଅକ୍ଷର-ସଂଖ୍ୟା ପୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ପ୍ରତିସ୍ଥାପିତ କରାଯାଇପାରିବ?

VRL 21, BXR 32, HDX 43, NJD 54, TPJ 65, ?

A. ZVP 75
B. IVP 76
C. ZVP 76 ✓
D. ZXP 76

Q45 General Intelligence and Reasoning

ଦିଆଯାଇଥିବା ବିବୃତି ଓ ନିଷ୍କର୍ଷ ଗୁଡ଼ିକୁ ଧ୍ୟାନପୂର୍ବକ ଅଧ୍ୟୟନ କରନ୍ତୁ । ସାଧାରଣ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ବୋଲି ପ୍ରତୀତ ହେଲେ ମଧ୍ୟ ଏହି ବିବୃତିଗୁଡ଼ିକରେ ପ୍ରଦତ୍ତ ତଥ୍ୟକୁ ସତ୍ୟ ଭାବରେ ବିବେଚନା କରନ୍ତୁ ଏବଂ ବିବୃତିରୁ ତର୍କସିଦ୍ଧ ଭାବରେ ଅନୁସୃତ ନିଷ୍କର୍ଷଟି/ଗୁଡ଼ିକ ନିର୍ଣ୍ଣୟ କରନ୍ତୁ ।
ବିବୃତି:
ସମସ୍ତ ଭେନ ୟୁଟିଲିଟି ଅଟେ ।
ସମସ୍ତ ଟ୍ରକ ୟୁଟିଲିଟି ଅଟେ ।

ନିଷ୍କର୍ଷ:
(I) କିଛି ଭେନ ଟ୍ରକ ଅଟେ ।
(II) କିଛି ୟୁଟିଲିଟି ଟ୍ରକ ଅଟେ ।

A. କେବଳ ନିଷ୍କର୍ଷ (I) ଅନୁସରଣ କରେ ।
B. କୌଣସି ନିଷ୍କର୍ଷ (I) କିମ୍ବା (II) ଅନୁସରଣ କରେ ନାହିଁ ।
C. କେବଳ ନିଷ୍କର୍ଷ (II) ଅନୁସରଣ କରେ । ✓
D. ଉଭୟ ନିଷ୍କର୍ଷ(I) ଓ (II) ଅନୁସରଣ କରେ ।

Q46 General Intelligence and Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଅକ୍ଷର- ସଂଖ୍ୟା ପୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ପ୍ରତିସ୍ଥାପିତ କରାଯାଇପାରିବ?

UUU4, QQQ4, MMM4, III4, ?

A. GGG4
B. FFF4
C. EEE4 ✓
D. HHH4

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

Q47 General Intelligence and Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ,

A + B ର ଅର୍ଥ 'B ଙ୍କର ମା' A ଅଟନ୍ତି'

A − B ର ଅର୍ଥ 'B ଙ୍କର ବାପା A ଅଟନ୍ତି'

A X B ର ଅର୍ଥ 'B ଙ୍କର ଭଉଣୀ A ଅଟନ୍ତି'

A / B ର ଅର୍ଥ 'B ଙ୍କର ଭାଇ A ଅଟନ୍ତି'

A > B ର ଅର୍ଥ 'B ଙ୍କର ସ୍ୱାମୀ A ଅଟନ୍ତି'

A ∗ B ର ଅର୍ଥ 'B ଙ୍କର ସ୍ତ୍ରୀ' A ଅଟନ୍ତି'

ଯଦି M − N + T X B > K ହୁଏ, ତେବେ M କିପରି ଭାବରେ B ଙ୍କ ସହିତ ସମ୍ବନ୍ଧିତ?

A. ବାପାଙ୍କ ଭଉଣୀ

B. ମା'

C. ଭଉଣୀ

D. ମା'ଙ୍କର ବାପା ✓

Q48 General Intelligence and Reasoning

ଦିଆଯାଇଥିବା ବିବୃତି ଓ ନିଷ୍କର୍ଷ ଗୁଡ଼ିକୁ ଧ୍ୟାନପୂର୍ବକ ଅଧ୍ୟୟନ କରନ୍ତୁ । ସାଧାରଣ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ବୋଲି ପ୍ରତୀତ ହେଲେ ମଧ୍ୟ ଏହି ବିବୃତିଗୁଡ଼ିକରେ ପ୍ରଦତ୍ତ ତଥ୍ୟକୁ ସତ୍ୟ ଭାବରେ ବିବେଚନା କରନ୍ତୁ ଏବଂ ବିବୃତି (ଗୁଡିକ) ରୁ ତର୍କସିଦ୍ଧ ଭାବରେ ଅନୁସୃତ ନିଷ୍କର୍ଷଟି (ଗୁଡ଼ିକ) ନିର୍ଣ୍ଣୟ କରନ୍ତୁ ।

ବିବୃତି :
ସମସ୍ତ ଟେବୁଲ, ଶଯ୍ୟା ଅଟେ ।
କିଛି ଟେବୁଲ, ତକିଆ ଅଟେ ।
ସମସ୍ତ ତକିଆ, ପରଦା ଅଟେ ।

ନିଷ୍କର୍ଷ :
(I) କିଛି ପରଦା, ଟେବୁଲ ଅଟେ ।
(II) କିଛି ତକିଆ, ଶଯ୍ୟା ଅଟେ ।

A. କେବଳ ନିଷ୍କର୍ଷ (I) ଅନୁସରଣ କରେ ।

B. ଉଭୟ ନିଷ୍କର୍ଷ (I) ଓ (II) ଅନୁସରଣ କରେ । ✓

C. ନିଷ୍କର୍ଷ (I) କିମ୍ବା (II) କୌଣସିଟି ଅନୁସରଣ କରେ ନାହିଁ ।

D. କେବଳ ନିଷ୍କର୍ଷ (II) ଅନୁସରଣ କରେ ।

Q49 General Intelligence and Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ, 'ROSE' କୁ '2673' ଭାବରେ ଏବଂ 'HERO' କୁ '7136' ଭାବରେ କୋଡ କରାଯାଇଛି । ଦିଆଯାଇଥିବା କୋଡ ଭାଷାରେ 'H' ପାଇଁ କୋଡ କ'ଣ ହେବ?

A. 7

B. 3

C. 6

D. 1 ✓

Q50 General Intelligence and Reasoning ENGLISH

All 43 people are standing in a row facing North. Munir is 11^{th} from the right end while Dilip is 24^{th} from the left end. How many people are there between Munir and Dilip?

A. 6

B. 5

C. 7

D. 8 ✓

Q51 General Intelligence and Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ, 'WITH' କୁ '7894' ଭାବେ ଏବଂ 'THIN' କୁ '8745' ଭାବେ କୋଡ କରାଯାଇଛି । ପ୍ରଦତ୍ତ କୋଡ ଭାଷାରେ 'W' ପାଇଁ କୋଡ କ'ଣ ହେବ?

A. 9 ✓

B. 4

C. 8

D. 7

Q52 General Intelligence and Reasoning

ପ୍ରଦତ୍ତ ଅନୁକ୍ରମରେ ପ୍ରଶ୍ନଚିହ୍ନ (?) ସ୍ଥାନରେ କ'ଣ ଆସିବ?

9 15 23 33 45 ?

A. 59 ✓

B. 58

C. 60

D. 57

Blackbook Vocabulary — Now in the App! ▶ Download Now on Google Play

Q53 General Intelligence and Reasoning

ନିମ୍ନରେ ଦିଆଯାଇଥିବା ପାଞ୍ଚୋଟି ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଉପରେ ଉପରେ ଏହି ପ୍ରଶ୍ନ ଆଧାରିତ ।
(ବାମ) 241 341 735 672 457 (ଡାହାଣ)
(ଉଦାହରଣ- 697 - ପ୍ରଥମ ଅଙ୍କ = 6, ଦ୍ୱିତୀୟ ଅଙ୍କ = 9 ଏବଂ ତୃତୀୟ ଅଙ୍କ = 7)
(ଟିପ୍ପଣୀ: ସମସ୍ତ ପ୍ରକ୍ରିୟା ବାମରୁ ଡାହାଣକୁ କରାଯିବ ।)
ସମସ୍ତ ସଂଖ୍ୟାକୁ ଉର୍ଦ୍ଧ୍ୱକ୍ରମରେ ସଜାଗଲେ କେତୋଟି ସଂଖ୍ୟାର ସ୍ଥିତି ଅପରିବର୍ତ୍ତିତ ରହିବ?

- A. 4
- B. 1
- C. 2
- D. 3 ✓

Q54 General Intelligence and Reasoning

ନିମ୍ନରେ ଦିଆଯାଇଥିବା ଦୁଇଟି ଯୋଡ଼ି ଯେଉଁ ଢାଞ୍ଚା ଅନୁସରଣ କରନ୍ତି, ସେହି ସମାନ ଢାଞ୍ଚା ଅନୁସରଣ କରୁଥିବା ଯୋଡି ଚୟନ କରନ୍ତୁ । ଉଭୟ ଯୋଡି ସମାନ ଢାଞ୍ଚା ଅନୁସରଣ କରନ୍ତି ।

BNM - CMN
EFT - FEU

- A. SWE - TVF ✓
- B. UIO - VJP
- C. WER - XFT
- D. LIN - MNO

Q55 General Intelligence and Reasoning

'+' ଓ '−'କୁ ପରସ୍ପର ସହିତ ଅଦଳବଦଳ କରାଗଲେ ଏବଂ '×' ଓ '÷'କୁ ପରସ୍ପର ସହିତ ଅଦଳବଦଳ କରାଗଲେ ନିମ୍ନ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ଆସିବ?

$200 \times 5 \div 14 - 41 + 18 = ?$

- A. 609
- B. 590
- C. 612
- D. 583 ✓

Q56 General Intelligence and Reasoning

ରୋନକ ପଏଣ୍ଟ A ରୁ ବାହାରି ଉତ୍ତର ଦିଗକୁ 5 km ଗାଡି ଚଳାନ୍ତି । ଏହାପରେ ସେ ଡାହାଣ ମୋଡ଼ ନେଇ 6 km ଗାଡି ଚଳାନ୍ତି, ଡାହାଣ ମୋଡ଼ ନେଇ 9 km ଗାଡି ଚଳାନ୍ତି । ଏହାପରେ ସେ ଡାହାଣ ମୋଡ଼ ନେଇ 11 km ଗାଡି ଚଳାନ୍ତି । ସେ ଶେଷ ଡାହାଣ ମୋଡ଼ ନେଇ 4 km ଗାଡି ଚଳାଇ ପଏଣ୍ଟ P ରେ ଅଟକିଥାନ୍ତି । ପୁନର୍ବାର ପଏଣ୍ଟ A ରେ ପହଞ୍ଚିବା ପାଇଁ ସେ କେତେ ଦୂର (ସର୍ବନିମ୍ନ ଦୂରତା) ଏବଂ କେଉଁ ଦିଗକୁ ଗାଡି ଚଳାଇବା ଉଚିତ? (ନିର୍ଦ୍ଦିଷ୍ଟ ନହେବା ପର୍ଯ୍ୟନ୍ତ ସମସ୍ତ ମୋଡ କେବଳ 90° ମୋଡ ଅଟେ ।)

- A. 4 km ପୂର୍ବ ଦିଗକୁ
- B. 5 km ପଶ୍ଚିମ ଦିଗକୁ
- C. 4 km ପଶ୍ଚିମ ଦିଗକୁ
- D. 5 km ପୂର୍ବ ଦିଗକୁ ✓

Q57 General Intelligence and Reasoning ENGLISH

Read the given statements and conclusions carefully. Assuming that the information given in the statements is true, even if it appears to be at variance with commonly known facts, decide which of the given conclusion(s) logically follow(s) from the statements.

Statements:
All hats are roses.
Some drinks are hats.

Conclusions:
(I) All drinks are roses.
(II) Some roses are drinks.

- A. Both conclusions (I) and (II) follow.
- B. Neither conclusion (I) nor (II) follows.
- C. Only conclusion (II) follows. ✓
- D. Only conclusion (I) follows.

Q58 General Intelligence and Reasoning

ପ୍ରଦତ୍ତ ଅନୁକ୍ରମରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କେତେ ରହିବା ଉଚିତ?

13 138 263 327 391 418 ?

- A. 463
- B. 445 ✓
- C. 434
- D. 427

Blackbook Vocabulary — Now in the App! ▶ Download Now on Google Play
generated by rank.qmaths.in

Q59 General Intelligence and Reasoning

ପ୍ରଦତ୍ତ ଅନୁକ୍ରମରେ ପ୍ରଶ୍ନଚିହ୍ନ (?) ସ୍ଥାନରେ କ'ଣ ଆସିବ?

6 10 18 30 46 ?

A. 65
B. 63
C. 66 ✓
D. 64

Q60 General Intelligence and Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ AYOL ଏକ ନିର୍ଦ୍ଦିଷ୍ଟ ଉପାୟରେ ONEC ସହିତ ସମ୍ପର୍କିତ । ସେହି ସମାନ ଉପାୟରେ EGAB, SVQS ସହିତ ସମ୍ପର୍କିତ । ସମାନ ତର୍କ ଅନୁସାରେ ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି ସହିତ UZWA ସମ୍ପର୍କିତ?

A. IORM
B. MORI
C. MIOR
D. IOMR ✓

Q61 General Intelligence and Reasoning

ସମସ୍ତ '1' ଓ '2' କୁ ପରସ୍ପର ସହିତ ଅଦଳବଦଳ କରିବା ପରେ ନିମ୍ନଲିଖିତ ପରିପ୍ରକାଶର ଗଣନା କରାଯାଇଥିବା ଅନ୍ତିମ ମୂଲ୍ୟ କେତେ ହେବ?

4 + 2 − 1 + 1 − 2 − 1 + 3 − 4 + 2 + 1 − 6

A. 7
B. −2 ✓
C. 1
D. −4

Q62 General Intelligence and Reasoning

ଯଦି '−' ଓ '×' ଚିହ୍ନକୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ତେବେ ନିମ୍ନଲିଖିତ ପରିପ୍ରକାଶର ମୂଲ୍ୟ କେତେ ହେବ?

18 × 2 + 5 − 9 ÷ 3 × 2 − 6 = ?

A. 19 ✓
B. 12
C. 8
D. 23

Q63 General Intelligence and Reasoning

5P ଏକ ନିର୍ଦ୍ଦିଷ୍ଟ ଉପାୟରେ 4O ସହିତ ସମ୍ପର୍କିତ । 3N ସମାନ ଉପାୟରେ 2M ସହିତ ସମ୍ପର୍କିତ । ସମାନ ତର୍କ ଅନୁସାରେ ନିମ୍ନଲିଖିତ କେଉଁଟି ସହିତ 1L ସମ୍ପର୍କିତ ?

A. 2K
B. 0K ✓
C. 1K
D. 0J

Q64 General Intelligence and Reasoning

H, A, T, B, O, R, ଏବଂ D ଆଦି କେନ୍ଦ୍ରକୁ ମୁହଁ କରି ଗୋଟିଏ ଗୋଲାକାର ଟେବୁଲ ଚାରିପାଖରେ ବସିଛନ୍ତି । A ର ଠିକ ଡାହାଣରେ D ବସିଥାଏ । A ର ବାମ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ T ବସିଥାଏ । T ର ବାମ ପାର୍ଶ୍ୱରେ ତୃତୀୟ ସ୍ଥାନରେ O ବସିଥାଏ । O ଏବଂ B ମଧ୍ୟରେ କେବଳ ଜଣେ ବ୍ୟକ୍ତି ବସିଥାଏ । T ର ଠିକ ବାମ ପାର୍ଶ୍ୱରେ କିଏ ବସିଛି ?

A. H
B. O
C. R
D. B ✓

Q65 General Intelligence and Reasoning

ଉତ୍ତର ଦିଗକୁ ମୁହଁ କରିଥିବା 17 ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରେ ଜିଆଂଶୀ ବାମ ପ୍ରାନ୍ତରୁ 9ମ ସ୍ଥାନରେ ଅଛନ୍ତି । ଯଦି ଜିଆଂଶୀଙ୍କ ଡାହାଣ ପାର୍ଶ୍ୱର 5ମ ସ୍ଥାନରେ ଉରୀ ଅଛନ୍ତି, ତେବେ ଧାଡିର ଡାହାଣ ପ୍ରାନ୍ତରୁ ଉରିର ସ୍ଥାନ କେତେ?

A. 3 ✓
B. 1
C. 2
D. 4

Q66 General Intelligence and Reasoning ENGLISH

Rohit starts from Point A and drives 9 km towards East. He then takes a right turn, drives 6 km, turns left and drives 7 km. He then takes a right turn and drives 3 km. He takes a final right turn, drives 16 km and stops at Point P. How far (shortest distance) and towards which direction should he drive in order to reach Point A again? (All turns are 90-degree turns only unless specified.)

A. 8 km towards East
B. 8 km towards West
C. 9 km towards North ✓
D. 9 km towards South

Blackbook Vocabulary — Now in the App! ► Download Now on Google Play

Q67 General Intelligence and Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ, ନିମ୍ନଲିଖିତ ଚାରୋଟି ଅକ୍ଷର-ପୁଞ୍ଜ ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି, ତେଣୁ ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁ ଅକ୍ଷର-ପୁଞ୍ଜଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ? (ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟତା ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣର ସଂଖ୍ୟା କିମ୍ବା ଅକ୍ଷର-ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ ।)

A. TAH

B. GNY ✓

C. AHO

D. ELS

Q68 General Intelligence and Reasoning

L, M, N, O, P, Q ଓ R ଗୋଟିଏ ବୃତ୍ତାକାର ଟେବୁଲ ଚାରିପଟେ କେନ୍ଦ୍ର ଆଡ଼କୁ ମୁହଁ କରି ବସିଛନ୍ତି । Pଙ୍କ ଡାହାଣ ପାର୍ଶ୍ୱରୁ ଗଣନା କଲେ P ଓ O ଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ବସିଛନ୍ତି । O ଓ N ଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ବସିଛନ୍ତି । P ଓ Q ଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ବସିଛନ୍ତି । R ଓ Nଙ୍କ ମଧ୍ୟରେ କେବଳ ଦୁଇଜଣ ବ୍ୟକ୍ତି ବସିଛନ୍ତି । L ଓ Q ଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ବସିଛନ୍ତି । Mଙ୍କ ଡାହାଣ ପାର୍ଶ୍ୱ ତୃତୀୟ ସ୍ଥାନରେ କିଏ ବସିଛନ୍ତି?

A. N

B. O ✓

C. L

D. R

Q69 General Intelligence and Reasoning



A.

B. ✓

C.

D.

Blackbook

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

Q70 General Intelligence and Reasoning



A.

B.

C.

D. ✓

General Awareness

50 Questions • Answer Key

Q71 General Awareness

ନିମ୍ନଲିଖିତ କେଉଁଟି ଏକ ପ୍ରକାରର ଗ୍ରାମୀଣ ବିକାଶ ରଣନୀତି ଅଟେ?

1. ସମ୍ବଳର ସାମୂହିକୀକରଣ ଉପରେ ଆଧାରିତ ରଣନୀତି
2. ନିୟନ୍ତ୍ରିତ ପୁଞ୍ଜିବାଦୀ ଦୃଷ୍ଟିକୋଣ ଉପରେ ଆଧାରିତ ରଣନୀତି
3. କୃଷକ କୃଷି ଦୃଷ୍ଟିକୋଣ ଉପରେ ଆଧାରିତ ରଣନୀତି

A. କେବଳ 2 ଏବଂ 3

B. କେବଳ 1 ଏବଂ 2

C. 1, 2 ଏବଂ 3 ✓

D. କେବଳ 1 ଏବଂ 3

Q72 General Awareness

କାର୍ନୋଟ୍ ଇଞ୍ଜିନ (Carnot engine) ର ଦକ୍ଷତା ________ ଦ୍ୱାରା ବୃଦ୍ଧି କରାଯାଇପାରିବ ।

A. ସିଙ୍କ ତାପମାତ୍ରା ବୃଦ୍ଧି କରିବା

B. ସିଙ୍କ ତାପମାତ୍ରା (sink temperature) ହ୍ରାସ କରିବା ✓

C. କାର୍ଯ୍ୟକ୍ଷମ ପଦାର୍ଥର ପରିମାଣ ହ୍ରାସ କରିବା

D. କାର୍ଯ୍ୟକ୍ଷମ ପଦାର୍ଥର ପରିମାଣ ବୃଦ୍ଧି କରିବା

Q73 General Awareness

ଅକ୍ଟୋବର 2024ରେ କେନ୍ଦ୍ର କେବିନେଟ କେତୋଟି ଭାଷାକୁ 'ଶାସ୍ତ୍ରୀୟ ଭାଷା'ର ମାନ୍ୟତା ଦେବାକୁ ମଞ୍ଜୁରି ଦେଇଥିଲା?

A. 9

B. 5 ✓

C. 3

D. 7

Q74 General Awareness

ଦାମନ ଏବଂ ଗୋଆ ମଧ୍ୟରେ ଥିବା ଉପକୂଳ ପଟ୍ଟିକୁ କ'ଣ କୁହାଯାଏ?

A. କୋଙ୍କଣ ଉପକୂଳ ✓

B. ମାଲାବାର ଉପକୂଳ

C. କରମଣ୍ଡଳ ଉପକୂଳ

D. କର୍ଣ୍ଣାଟକ ଉପକୂଳ

Blackbook Vocabulary — Now in the App! ▸ Download Now on Google Play

generated by rank.qmaths.in

Q75 General Awareness

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କୃଷି ଓ ଶିଳ୍ପ କୈନ୍ଦ୍ରିକତା ଉପରେ କେଉଁ ଅର୍ଥନୀତିଜ୍ଞଙ୍କ ଚିନ୍ତାଧାରା ଦୃଢ଼ ପ୍ରଭାବ ପକାଇଥିଲା?

A. ପିସି ମହାଲୋନବିସ ✓

B. ଅମର୍ତ୍ୟ ସେନ

C. ମନମୋହନ ସିଂହ

D. ଜଗଦୀଶ ଭଗବତୀ

Q76 General Awareness

ରାଜନୈତିକ ପରିବର୍ତ୍ତନ କାରଣରୁ କେଉଁ ପଞ୍ଚବାର୍ଷିକ ଯୋଜନା ପ୍ରାୟତଃ 'ରୋଲିଂ ପ୍ଲାନ୍' ଧାରଣା ସହିତ ଜଡ଼ିତ ହୋଇଥାଏ?

A. ଷଷ୍ଠ ଯୋଜନା

B. ଅଷ୍ଟମ ଯୋଜନା

C. ପଞ୍ଚମ ଯୋଜନା ✓

D. ଚତୁର୍ଥ ଯୋଜନା

Q77 General Awareness

କେନ୍ଦ୍ର ଅର୍ଥମନ୍ତ୍ରୀ 2022-23 ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିବା ସମୟରେ ଜାତୀୟ ରୋପୱେଜ ବିକାଶ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି, ଯାହାକୁ ______________ କୁହାଯାଏ ।

A. ଦର୍ଶନମାଳା

B. ପର୍ବତମାଳା ✓

C. ବିଶ୍ୱମାଳା

D. ପରିକ୍ରମମାଳା

Q78 General Awareness

ଭାରତୀୟ ସମ୍ବିଧାନରେ ସଂଶୋଧନ କରିବାର କ୍ଷମତା __________ ଙ୍କ ପାଖରେ ଅଛି ।

A. ଭାରତର ରାଷ୍ଟ୍ରପତି

B. ଭାରତୀୟ ନିର୍ବାଚନ ଆୟୋଗ

C. ଭାରତୀୟ ସଂସଦ ✓

D. ଭାରତର ପ୍ରଧାନମନ୍ତ୍ରୀ

Q79 General Awareness

ନିମ୍ନଲିଖିତ କେଉଁ ଅନୁସୂଚୀ ଅଧୀନରେ ଅନୁସୂଚିତ ଅଞ୍ଚଳ ଏବଂ ଅନୁସୂଚିତ ଜନଜାତିର ପ୍ରଶାସନ ଏବଂ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ଉଲ୍ଲେଖ କରାଯାଇଛି?

A. ପଞ୍ଚମ ଅନୁସୂଚୀ, ଭାଗ A ✓

B. ପଞ୍ଚମ ଅନୁସୂଚୀ, ଭାଗ B

C. ଷଷ୍ଠ ଅନୁସୂଚୀ, ଭାଗ A

D. ଷଷ୍ଠ ଅନୁସୂଚୀ, ଭାଗ B

Q80 General Awareness

ଭାରତୀୟ ସମ୍ବିଧାନର ନିମ୍ନଲିଖିତ ମଧ୍ୟରୁ କେଉଁ ଭାଗରେ ଧାରା 239 ରୁ 241 ରହିଛି ଯାହା କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସହିତ ସମ୍ବନ୍ଧିତ?

A. ଭାଗ VII

B. ଭାଗ VIII ✓

C. ଭାଗ IX

D. ଭାଗ X

Q81 General Awareness

'6 ବର୍ଷ ବୟସ ପୂରଣ ନ ହେବା ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା ପ୍ରଦାନ' ଭାରତୀୟ ସମ୍ବିଧାନର କେଉଁ ଧାରାରେ ଅନ୍ତର୍ଭୁକ୍ତ?

A. ମୌଳିକ କର୍ତ୍ତବ୍ୟ

B. ଆଇନଗତ ଦାୟିତ୍ୱ

C. ମୌଳିକ ଅଧିକାର

D. ରାଷ୍ଟ୍ର ନିର୍ଦ୍ଦେଶକ ନୀତି ✓

Q82 General Awareness

ମହାରାଷ୍ଟ୍ରର ଔରଙ୍ଗାବାଦ ଜିଲ୍ଲାରେ ଅବସ୍ଥିତ ଅଜନ୍ତା, ବୌଦ୍ଧ ସ୍ଥାପତ୍ୟର ନିମ୍ନଲିଖିତ ମଧ୍ୟରୁ କେଉଁ ସ୍ମାରକୀ ପାଇଁ ପ୍ରସିଦ୍ଧ ଅଟେ?

A. ସ୍ତମ୍ଭ

B. ଗୁମ୍ଫା ✓

C. ସ୍ତୂପ

D. ବିହାର

Q83 General Awareness

ରିଜର୍ଭ ବେଙ୍କ ବୁଲେଟିନରେ ଥିବା 'ଷ୍ଟେଟ ଅଫ ଇକୋନୋମି' ରିପୋର୍ଟ ଅନୁଯାୟୀ H1 FY25 ର ପ୍ରଥମ ଛଅ ମାସରେ ସିଙ୍ଗାପୁର, ମରିସସ, ୟୁଏଇ, ନେଦରଲାଣ୍ଡ ଏବଂ ଆମେରିକାରୁ ମୋଟ FDI ପ୍ରବାହ (inflows) ର କେତେ ଭାଗ ଆସିଥିଲା?

A. ତିନି ଚତୁର୍ଥାଂଶ ✓

B. ଦୁଇ ତୃତୀୟାଂଶ

C. ଅଧା

D. ଏକ ତୃତୀୟାଂଶ

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

Q84 General Awareness

70ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର 2024ରେ ସଂପୂର୍ଣ୍ଣ ମନୋରଞ୍ଜନ ପ୍ରଦାନ କରୁଥିବା ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ପାଇଁ ପୁରସ୍କାର ଜିତିଥିବା କନ୍ନଡ଼ ଚଳଚ୍ଚିତ୍ର 'କାନ୍ତାରା'ର ନିର୍ଦ୍ଦେଶକ କିଏ?

- **A. ରିଷବ ସେଟ୍ଟୀ** ✓
- B. ରକ୍ଷିତ ସେଠୀ
- C. ରୋହିତ ସେଟ୍ଟୀ
- D. ରାଜ ବି ସେଟ୍ଟୀ

Q85 General Awareness

ବର୍ଷ ________ ରେ ଅନୁଷ୍ଠିତ ଚତୁର୍ଥ ସାଧାରଣ ନିର୍ବାଚନର ପରିଣାମ ସ୍ୱରୂପ ଭାରତରେ ରାଜନୈତିକ ଦୃଶ୍ୟପଟର ମୌଳିକ ପରିବର୍ତ୍ତନ ହୋଇଥିଲା ।

- **A. 1967** ✓
- B. 1977
- C. 1961
- D. 1972

Q86 General Awareness

ନିମ୍ନଲିଖିତ ମଧ୍ୟରୁ କେଉଁଟି ବଏଲ (Boiler Act) ର ଅଧିନିୟମ, 2024 ର ପ୍ରାଥମିକ ଉଦ୍ଦେଶ୍ୟ ଅଟେ?

- A. ଶିଳ୍ପ କ୍ଷେତ୍ରରେ ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ ଦେବା
- **B. ବଏଲର୍ ଅପରେସନ୍ ପାଇଁ କଠୋର ସୁରକ୍ଷା ମାନକ ସ୍ଥାପିତ କରିବା** ✓
- C. ବଏଲର ରପ୍ତାନି ବୃଦ୍ଧି କରିବା
- D. ବଏଲର ଉତ୍ପାଦନ ପାଇଁ ସବସିଡି ପ୍ରଦାନ କରିବା

Q87 General Awareness

Q2 FY25 ରେ HDFC ବ୍ୟାଙ୍କର ନିଟ୍ ଲାଭ ଇୟର-ଅନ-ଇୟର (Y-o-Y) କେତେ ପ୍ରତିଶତ ବୃଦ୍ଧି ପାଇଛି?

- A. 15%
- **B. 5.3%** ✓
- C. 10%
- D. 4%

Q88 General Awareness

କେଉଁ କମ୍ପାନୀ ଅକ୍ଟୋବର 2024ରେ ଏଣ୍ଟରପ୍ରାଇଜ AI ପାଇଁ NVIDIA AI ଷ୍ଟାକ ବ୍ୟବହାର କରି ଟୋପାଜ ବେଙ୍କିଂSLM ଏବଂ ଟୋପାଜ ITOpsSLM ଲଞ୍ଚ କରିଥିଲା?

- A. ଟେକ ମହିନ୍ଦ୍ରା
- B. ଏମ୍ଫାସିସ ଲିମିଟେଡ
- C. ୱିପ୍ରୋ
- **D. ଇନଫୋସିସ** ✓

Q89 General Awareness

ନିମ୍ନୋକ୍ତ କେଉଁଟି ଭାରତରେ ଗ୍ରାମୀଣ ନିଯୁକ୍ତି ପାଇଁ ଏକ ସରକାରୀ ଯୋଜନା ଅଟେ?

- A. ଆୟୁଷ୍ମାନ ଭାରତ
- B. ସ୍କିଲ୍ ଇଣ୍ଡିଆ
- **C. ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ (MGNREGA)** ✓
- D. ସ୍ୱଚ୍ଛ ଭାରତ ମିଶନ

Q90 General Awareness

ଜୁନ୍ 2024 ରେ, ଭାରତୀୟ ସେନା କେଉଁ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ ଅବସ୍ଥିତ ପର୍ଯ୍ୟଟକମାନଙ୍କ ପାଇଁ ଖାଲୁବାର ଯୁଦ୍ଧ ସ୍ମାରକୀ ବିମୁକ୍ତ କରିଥିଲା ?

- A. ଜମ୍ମୁ-କଶ୍ମୀର
- B. ଉତ୍ତରାଖଣ୍ଡ
- C. ଗୋଆ
- **D. ଲଦାଖ** ✓

Q91 General Awareness

ଜାମସେଦପୁର ନିମ୍ନଲିଖିତ କେଉଁ ପ୍ରକାରର ଶିଳ୍ପ ପାଇଁ ଏକ ଆଦର୍ଶ ସ୍ଥାନ ଅଟେ?

- A. ଦୁଗ୍ଧ ଶିଳ୍ପ
- **B. ଲୁହା ଓ ଇସ୍ପାତ ଶିଳ୍ପ** ✓
- C. କାଗଜ ଓ ମଣ୍ଡ ଶିଳ୍ପ
- D. କପା ବୟନ ଶିଳ୍ପ

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

Q92 General Awareness

ସମ୍ବିଧାନ ଅଧୀନରେ ଅନୁସୂଚିତ ଜାତିଙ୍କୁ ପ୍ରଦାନ କରାଯାଇଥିବା ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ମାମଲାର ତଦନ୍ତ କରିବାର ସାମ୍ବିଧାନିକ ଅଧିକାର କେଉଁ ସଂସ୍ଥାର ଅଛି?

A. ଜାତୀୟ ସଂଖ୍ୟାଲଘୁ ଆୟୋଗ

B. ଭାରତୀୟ ନିର୍ବାଚନ କମିଶନ

C. ଜାତୀୟ ମାନବାଧିକାର କମିଶନ

D. ଜାତୀୟ ଅନୁସୂଚିତ ଜାତି ଆୟୋଗ ✓

Q93 General Awareness

2024 ବଜେଟ ଅନୁଯାୟୀ ଜାତୀୟ ପେନସନ ଯୋଜନା (NPS) ମାଧ୍ୟମରେ କର୍ମଚାରୀଙ୍କ ସାମାଜିକ ସୁରକ୍ଷାକୁ ଉପକୃତ କରିବା ପାଇଁ 2024 ବଜେଟରେ ନିମ୍ନଲିଖିତ ମଧ୍ୟରୁ କେଉଁ ପରିବର୍ତ୍ତନ ପ୍ରସ୍ତାବ ଦିଆଯାଇଥିଲା?

A. କର୍ମଚାରୀଙ୍କ ଯୋଗଦାନକୁ 14% ରୁ 10% କୁ ହ୍ରାସ କରିବା

B. କର୍ମଚାରୀଙ୍କ ଯୋଗଦାନକୁ 10% ରୁ 14% କୁ ବୃଦ୍ଧି କରିବା

C. ନିଯୁକ୍ତିଦାତାଙ୍କ ଯୋଗଦାନ (contribution) କୁ 14% ରୁ 10% କୁ ହ୍ରାସ କରିବା

D. ନିଯୁକ୍ତିଦାତାଙ୍କ ଯୋଗଦାନକୁ 10% ରୁ 14% କୁ ବୃଦ୍ଧି କରିବା ✓

Q94 General Awareness

1857 ମସିହାର ଭାରତୀୟ ବିଦ୍ରୋହ ପରେ ବ୍ରିଟିଶ ପ୍ରତିକ୍ରିୟା କ'ଣ ଥିଲା?

A. ଭାରତୀୟ କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା

B. ବ୍ରିଟିଶ ଶାସନ ଅଧୀନରେ ସମସ୍ତ ଦେଶୀୟ ରାଜ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା

C. ତୁରନ୍ତ ଭାରତକୁ ସ୍ୱ-ଶାସନ ପ୍ରଦାନ କରିବା

D. ସେନାରେ ସମ୍ପ୍ରଦାୟ, ଜାତି, ଆଦିବାସୀ ଓ ପ୍ରାଦେଶିକ ଆନୁଗତ୍ୟକୁ ପ୍ରୋତ୍ସାହିତ କରାଯାଇଥିଲା ✓

Q95 General Awareness

ଭାରତରେ ନିମ୍ନଲିଖିତ କେଉଁ ବାର୍ଷିକ ବୃଷ୍ଟିପାତ ସ୍ତର ଥିବା ଅଞ୍ଚଳରେ ମୁଖ୍ୟତଃ ଶୁଖିଲା ଜମିରେ କରି ହେଉଥିବା କୃଷି କାର୍ଯ୍ୟ କରାଯାଏ?

A. 90ରୁ 120 ସେମି ମଧ୍ୟରେ

B. 75 ସେଣ୍ଟିମିଟରରୁ କମ ✓

C. 75ରୁ 90 ସେମି ମଧ୍ୟରେ

D. 120 ସେମିରୁ ଅଧିକ

Q96 General Awareness

ନିମ୍ନଲିଖିତ କେଉଁ ଦେଶ ପେରିସ 2024 ଅଲିମ୍ପିକ୍ସରେ ସର୍ବାଧିକ ପଦକ ଜିତିଥିଲେ?

A. ଗ୍ରେଟ ବ୍ରିଟେନ

B. ଆମେରିକା ✓

C. ଫ୍ରାନ୍ସ

D. ଜନବାଦୀ ଗଣରାଜ୍ୟ ଚାଇନା

Q97 General Awareness

କୃଷି ଏବଂ ପ୍ରାକୃତିକ ସମ୍ପଦ ନିଷ୍କାସନରେ କେଉଁ କ୍ଷେତ୍ର ମୁଖ୍ୟତଃ ସମ୍ପୃକ୍ତ?

A. ତୃତୀୟକ

B. ଦ୍ୱିତୀୟକ

C. ଚତୁର୍ଥକ

D. ପ୍ରାଥମିକ ✓

Q98 General Awareness

ତୁଜୁକ୍-ଇ-ବାବରୀ (Tuzuk-i-Baburi) କେଉଁ ଭାଷାରେ ଲେଖାଯାଇଥିଲା?

A. ହିନ୍ଦୀ

B. ଉର୍ଦ୍ଦୁ

C. ସଂସ୍କୃତ

D. ତୁର୍କୀ ✓

Q99 General Awareness

ଏକ କଣିକାର ଗତିଜ ଶକ୍ତି ନିମ୍ନଲିଖିତ ମଧ୍ୟରୁ କେଉଁଟି ଉପରେ ନିର୍ଭର କରେ?

A. କଣିକାର ଉଭୟ ବସ୍ତୁତ୍ୱ ଓ ପରିବେଗ ✓

B. କଣିକାର ଉଭୟ ବସ୍ତୁତ୍ୱ ଓ ତ୍ୱରଣ

C. କେବଳ କଣିକାର ପରିବେଗ

D. କେବଳ କଣିକାର ବସ୍ତୁତ୍ୱ

Q100 General Awareness

ବାବର ଆକ୍ରମଣ କରିବା ସମୟରେ କିଏ ଦିଲ୍ଲୀର ଶାସକ ଥିଲେ?

A. ସିକନ୍ଦର ଲୋଦି

B. ମହମୁଦ ଲୋଦି

C. ଦୌଲତ ଖାନ ଲୋଦି

D. ଇବ୍ରାହିମ ଲୋଦି ✓

Blackbook Vocabulary — Now in the App! ▶ Download Now on Google Play

Q101 General Awareness

ଅକ୍ଟୋବର 2024 ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେତୋଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସେଣ୍ଟର ଅଫ ଏକ୍ସଲେନ୍ସ (AI-COE) (ସ୍ୱାସ୍ଥ୍ୟ, କୃଷି ଏବଂ ସ୍ଥାୟୀ ସହର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବା) କୁ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ?

- A. ତିନି ✓
- B. ପାଞ୍ଚ
- C. ସାତ
- D. ଦୁଇ

Q102 General Awareness

2024 ଅକ୍ଟୋବର ସୁଦ୍ଧା _________ ରେ ସର୍ବାଧିକ ₹2.10 ଲକ୍ଷ କୋଟିର GST ଆଦାୟ ହୋଇଛି ।

- A. ଅକ୍ଟୋବର 2024
- B. ଏପ୍ରିଲ 2024 ✓
- C. ଅଗଷ୍ଟ 2024
- D. ଜୁଲାଇ 2024

Q103 General Awareness

ଶୀତ ଋତୁରେ ମଧ୍ୟ ଏସିଆରୁ ଶୁଖିଲା ମହାଦେଶୀୟ ପବନ (dry continental winds) ମୁଖ୍ୟତଃ ଭାରତର ନିମ୍ନଲିଖିତ କେଉଁ ଅଞ୍ଚଳରେ ବାଣିଜ୍ୟ ପବନ ସଂସ୍ପର୍ଶରେ ଆସିଥାଏ?

- A. ପୂର୍ବ ଭାରତ
- B. ଉତ୍ତର-ପଶ୍ଚିମ ଭାରତ ✓
- C. ଦକ୍ଷିଣ ଭାରତ
- D. ଉତ୍ତର-ପୂର୍ବ ଭାରତ

Q104 General Awareness

1857 ବିଦ୍ରୋହ ସମୟରେ ଜଗଦୀଶପୁରର ରାଜା କିଏ ଥିଲେ ?

- A. କୁଅଁର ସିଂହ ✓
- B. ହୁକୁମ ସିଂହ
- C. ବାହାଦୁର ଶାହ ଜାଫର
- D. ତାତ୍ୟା ଟୋପେ

Q105 General Awareness ENGLISH

What is the maximum limit for a contactless payment transaction using a debit or credit card in India as of 2024?

- A. ₹1,000
- B. ₹5,000 ✓
- C. ₹10,000
- D. ₹500

Q106 General Awareness

ଏକ ଆଦର୍ଶ ଗ୍ୟାସ ପ୍ରଣାଳୀ (ideal gas system) ବିଷୟରେ ବିଚାର କରନ୍ତୁ । ସ୍ଥିର ଚାପରେ ଘଟୁଥିବା ଏକ ତାପଉତ୍ପାଦୀ ପ୍ରତିକ୍ରିୟା ପାଇଁ ଏନଥାଲପି (enthalpy) କିପରି ପରିବର୍ତ୍ତନ ହୁଏ?

- A. ବିଯୁକ୍ତାତ୍ମକ ✓
- B. ଶୂନ୍ୟ
- C. ଯୁକ୍ତାତ୍ମକ
- D. ପଥ ନିର୍ଭରଶୀଳ (Path dependent)

Q107 General Awareness

ଭାରତର ଭାଇସରୟ ଭାବରେ _________ ଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ?

- A. ଲର୍ଡ ଡଫରିନ ✓
- B. ଲର୍ଡ ଲିଟନ୍
- C. ଲର୍ଡ ରିପନ୍
- D. ଲର୍ଡ କର୍ଜନ୍

Q108 General Awareness

2011 ଜନଗଣନା ଅନୁସାରେ ଭାରତର ସହରାଞ୍ଚଳ ଜନସଂଖ୍ୟାର ପ୍ରତିଶତ କେତେ?

- A. 25.16%
- B. 41.16%
- C. 31.16% ✓
- D. 35.16%

Blackbook Vocabulary — Now in the App! ▶ Download Now on Google Play

Q109 General Awareness

ନିମ୍ନଲିଖିତ ବିବୃତିଗୁଡ଼ିକୁ ଧ୍ୟାନ ସହକାରେ ପଢ଼ ଏବଂ ସେମାନଙ୍କର ସଠିକତା ବିଷୟରେ ଠିକ ବିକଳ୍ପ ଚୟନ କର ।

ବିବୃତି-I: 'ପ୍ରୋଜେକ୍ଟ ଟାଇଗର' ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (CSS) ।
ବିବୃତି-II:ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (NTCA) ଦେଶରେ ବାଘ ସଂରକ୍ଷଣକୁ ସୁଦୃଢ଼ କରିବା ପାଇଁ ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ 1972 ପରିସରରେ ନିଜର ଜନାଦେଶକୁ ପୂରଣ କରୁଛି ।

A. ଉଭୟ ବିବୃତି I ଏବଂ ବିବୃତି II ଭୁଲ ଅଟେ ।

B. ବିବୃତି I ଭୁଲ ହୋଇଥିବା ବେଳେ ବିବୃତି II ଠିକ ଅଟେ ।

C. ବିବୃତି I ଠିକ ହୋଇଥିବା ବେଳେ ବିବୃତି II ଭୁଲ ଅଟେ।

D. ଉଭୟ ବିବୃତି I ଏବଂ ବିବୃତି II ଠିକ ଅଟେ । ✓

Q110 General Awareness

ଦୁଇଟି H^+ ଆୟନର ଚାର୍ଜ _______ ଅଟେ ।

A. 1. $+ 1.6 \times 10^{-19}$ C

B. 2. $+3.2 \times 10^{-10}$ C

C. 3. -1.6×10^{-19} C

D. 4. $+3.2 \times 10^{-19}$ C ✓

Q111 General Awareness

IBSF ବିଶ୍ୱ ବିଲିୟାର୍ଡସ ଚାମ୍ପିୟନଶିପ 2024 କେଉଁଠାରେ ଅନୁଷ୍ଠିତ ହୋଇଥିଲା?

A. ଆବୁଧାବି, ୟୁନାଇଟେଡ ଆରବ ଏମିରେଟ୍ସ

B. ଅମ୍ମାନ, ଜୋର୍ଡାନ

C. ଦୋହା, କତାର ✓

D. ଦାମାସ୍କ, ସିରିଆ

Q112 General Awareness

1857 ର ବିଦ୍ରୋହରେ ପରାଜିତ ହେବା ପରେ ନାନା ସାହେବ ନିମ୍ନଲିଖିତ ମଧ୍ୟରୁ କେଉଁ ଦେଶକୁ ପଳାୟନ କରିଥିଲେ?

A. ନେପାଳ ✓

B. ବର୍ମା

C. ଚୀନ

D. ଶ୍ରୀଲଙ୍କା

Q113 General Awareness

ଲୋକ ଅଦାଲତର ସଂରଚନା କ'ଣ?

A. ଗୋଟିଏ ଲୋକ ଅଦାଲତରେ ଜଣେ ବିଚାର ବିଭାଗୀୟ ଅଧିକାରୀ ଓ ଦୁଇ ଜଣ ଓକିଲ ରହିଥାନ୍ତି।

B. ଲୋକ ଅଦାଲତରେ ଜଣେ ନ୍ୟାୟିକ ଅଧିକାରୀ, ଜଣେ ଓକିଲ ଏବଂ ଜଣେ ସମାଜସେବୀ ରହିଥାନ୍ତି । ✓

C. ଏକ ଲୋକ ଅଦାଲତରେ କେବଳ ନ୍ୟାୟିକ ଅଧିକାରୀ ରହିଥାନ୍ତି ।

D. ଏକ ଲୋକ ଅଦାଲତରେ ଜଣେ ବିଚାରପତି ଏବଂ ଆଇନ ବିଶେଷଜ୍ଞଙ୍କ ଏକ ଗୋଷ୍ଠୀ ରହିଥାଏ ।

Q114 General Awareness

ପ୍ରତିବର୍ଷ ଡିସେମ୍ବର ମାସର କେଉଁ ତାରିଖ ମଧ୍ୟରେ କୋଣାର୍କରେ ପର୍ଯ୍ୟଟକ ଓ କଳାପ୍ରେମୀଙ୍କ ଭିଡ଼ ଜମିଥାଏ, ଯେଉଁଥିରେ ଓଡ଼ିଶା ରାଜ୍ୟର ସବୁଠାରୁ ବଡ଼ ଓ ଭବ୍ୟ ନୃତ୍ୟ ମହୋତ୍ସବର ପରିକଳ୍ପନା କରାଯାଇଥାଏ?

A. 6 ରୁ 10

B. 1 ରୁ 5 ✓

C. 10 ରୁ 15

D. 15 ରୁ 20

Q115 General Awareness

ଜୁଲାଇ 2024 ରେ ରୁଷିଆର ସେଣ୍ଟ ପିଟର୍ସବର୍ଗ ସହରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା ମୂର୍ତ୍ତି ଚାମ୍ପିୟନଶିପରେ କେଉଁ ଭାରତୀୟ ବାଲୁକା ଶିଳ୍ପୀ ଗୋଲ୍ଡେନ୍ ସ୍ୟାଣ୍ଡ ମାଷ୍ଟର ପୁରସ୍କାର ଜିତିଛନ୍ତି?

A. ମନୀଷା ସ୍ୱର୍ଣ୍ଣକର

B. ମାନସ କୁମାର ସାହୁ

C. ରଜତ କୁମାର

D. ସୁଦର୍ଶନ ପଟ୍ଟନାୟକ ✓

Q116 General Awareness

ଡେକାନ ମାଳଭୂମି ମୁଖ୍ୟତଃ କେଉଁଥିରେ ଗଠିତ?

A. ଚୂନପଥର ଓ ବାଲୁକା ପଥର ✓

B. ପଟୁମାଟି

C. ପ୍ୟୁମିସ ଏବଂ ଲାଲ ମାଟି

D. ଗ୍ରାନାଇଟ ଏବଂ ବାସଲ୍ଟ

Blackbook Vocabulary — Now in the App! ▶ Download Now on Google Play
generated by rank.qmaths.in

Q117 General Awareness

ଭାରତୀୟ ସମ୍ବିଧାନର କେଉଁ ଅନୁସୂଚୀରେ ଭାରତର ସ୍ୱୀକୃତିପ୍ରାପ୍ତ ଭାଷାର ତାଲିକା ରହିଛି?

A. ଦଶମ ଅନୁସୂଚୀ

B. ନବମ ଅନୁସୂଚୀ

C. ଅଷ୍ଟମ ଅନୁସୂଚୀ ✓

D. ଏକାଦଶ ଅନୁସୂଚୀ

Q118 General Awareness ENGLISH

Vijay Kumar N was honoured with the Sangeet Natak Akademi Yuva Puraskar (2008) for his contribution to ________ dance.

A. Kathakali ✓

B. Kathak

C. Odissi

D. Bharatanatyam

Q119 General Awareness

ବିଚିତ୍ର ବୀଣାରେ ବିଭିନ୍ନ ଲମ୍ବର କେତୋଟି ସିମ୍ପାଥେଟିକ ତାର ଅଛି ଯାହା ମୁଖ୍ୟ ତାର ସହିତ ସମାନ୍ତରାଳ ଭାବରେ ଏବଂ ଏହାର ତଳେ ସ୍ଥାପିତ ଥାଏ?

A. 12 ✓

B. 10

C. 14

D. 16

Q120 General Awareness ENGLISH

Which of the following is correct about Specific heat capacity of water?

A. The specific heat of water remains constant in the temperature range 0°C to 100°C.

B. With rise in temperature from 0°C, it decreases.

C. The specific heat of water varies slightly with temperature. ✓

D. With rise in temperature from 0°C, it increases.

Blackbook

Blackbook Vocabulary — Now in the App! ▸ Download Now on Google Play